ସୂଚନା ଓ ଲୋକ ସଂପର୍କ ବିଭାଗ
**Information & Public Relations Department**
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR (OD)/CS-GA-1245-08/02/21




# ଆର୍ଥିକ ସ୍ଥିତିର ଦୃତ ଅବିବୃଦ୍ଧି ନିମନ୍ତେ ଆଗାମୀ କାର୍ଯ୍ୟ-ଖସଡ଼ା ପ୍ରସ୍ତୁତି ଉପରେ ଯୋଜନାବୋର୍ଡ ଉପାଧକ୍ଷ ଶ୍ରୀ ଦାସ ବର୍ମାଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୦୮/୦୨/୨୧**

କୋଭିଡ୍ ପ୍ରଭାବିତ ରାଜ୍ୟ ଆର୍ଥିକ ସ୍ଥିତିର ଦୃତ ବିକାଶ ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ସମୟରେ ଘୋଷଣା କରିଥିବା ପ୍ୟାକେଜ୍ ଗୁଡ଼ିକର କ୍ଷେତ୍ରସ୍ତରୀୟ କାର୍ଯ୍ୟାନ୍ୱୟନ ଉପରେ ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ଶ୍ରୀ ସଞ୍ଜୟ ଦାସ ବର୍ମା ଗୁରୁତ୍ୱ ଆରୋପ କରିବା ସହ ସେସବୁର ଫଳାଫଳ ଭିତ୍ତିରେ ଆଗାମୀ କାର୍ଯ୍ୟ-ଖସଡ଼ା ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ନିମନ୍ତେ ଆଜି ରାଜ୍ୟ ଲୋକସେବା ଭବନ ସଭା ଗୃହରେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ଶ୍ରୀ ପ୍ରଦୀପ କୁମାର ଜେନା ଏବଂ ବରିଷ୍ଠ ଅଧିକାରୀ ମାନଙ୍କୁ ନେଇ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା ।

ଉନ୍ନୟନ କମିଶନର ଶ୍ରୀ ଜେନା କହିଥିଲେ ଯେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କୋଭିଡ୍ କାଳରେ ଗ୍ରାମ ଓ ସହରାଞ୍ଚଳରେ ଜୀବିକା ନିର୍ବାହ ପନ୍ଥାର ସୁଧାର ନିମନ୍ତେ ସଂପୃକ୍ତ ବିଭାଗମାନଙ୍କ ମାଧ୍ୟମରେ ବିଭିନ୍ନ ପ୍ୟାକେଜ୍ ଓ କାର୍ଯ୍ୟଯୋଜନା ଆରମ୍ଭ କରାଯାଇଛି । ଏ ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ୧୦୦ କୋଟି ଟଙ୍କାର ସହରାଞ୍ଚଳ ଦୈନିକ ନିଯୁକ୍ତି କାର୍ଯ୍ୟକ୍ରମ; ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ୯୪ ଲକ୍ଷ ଗରିବ ପରିବାର ଏବଂ ୨୨ ଲକ୍ଷ ନିର୍ମାଣ ଶ୍ରମିକଙ୍କୁ ଆର୍ଥିକ ସହାୟତା ନିମନ୍ତେ ୨,୨୦୦ କୋଟି ଟଙ୍କାର ପ୍ୟାକେଜ୍, ୧୧୪ ଟି ସହରାଞ୍ଚଳରେ ପ୍ରାୟ ୬୫ ହଜାର ରାସ୍ତାକଡ଼ ବେପାରୀ ମାନଙ୍କୁ ମୁଣ୍ଡପିଛା ୩ ହଜାର ଟଙ୍କାର ସହାୟତା; କୃଷକ ଏବଂ ଶ୍ରମଜିବୀ ମାନଙ୍କ ଜିବୀକା ନିର୍ବାହ ପନ୍ଥାର ସଂପ୍ରସାରଣ ନିମନ୍ତେ ୧୭ ହଜାର କୋଟି ଟଙ୍କାର ପ୍ୟାକେଜ୍; ବିଭିନ୍ନ ରାଜ୍ୟରୁ ଫେରିଥିବା ଶ୍ରମଜିବୀ




ମାନଙ୍କ ପାଇଁ ସହାୟତା; ଖରିଫ୍-୨୦୨୦ ଋତୁରେ ୧୦ ଲକ୍ଷ କୃଷକଙ୍କୁ ୭୫ ଶତକଡ଼ା ବିହନ ରିହାତି; ୩୦ ଟି ଜିଲ୍ଲାର ୭୬ ହଜାର ହେକ୍ଟର ଜମିରେ ବିଭିନ୍ନ ଅର୍ଥକାରୀ ଫସଲ ଉତ୍ପାଦନ ବିଷୟରେ ପ୍ରମାଣିକ କୃଷି କାର୍ଯ୍ୟକ୍ରମ; ମହାତ୍ମାଗାନ୍ଧି ଜାତୀୟ ଗ୍ରାମୀଣ ନିଯୁକ୍ତି ଯୋଜନାରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ମାନବ-ଦିବସ ସୃଷ୍ଟି ପାଇଁ କାର୍ଯ୍ୟକ୍ରମ; ୨୦୨୦ ଖରିଫ୍ ଋତୁରେ ୯ ହଜାର କୋଟି ଟଙ୍କାର କୃଷି-ଋଣ; ପ୍ରାଥମିକ ସମବାୟ ସମିତି ମାଧ୍ୟମରେ ନୂଆ କୃଷକ କ୍ରେଡ଼ିଟ୍ କାର୍ଡ ପ୍ରଦାନ ; ବିନା ସୁଧରେ ଚାଷୀମାନଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ସାମୟିକ ଋଣ; କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଏବଂ ଭୂମିହୀନ କୃଷି ଶ୍ରମିକ ମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଯୁଗ୍ମ ଋଣ ଗୋଷ୍ଠୀ ଭିତ୍ତିରେ କୃଷକ କ୍ରେଡିଟ୍ କାର୍ଡ ଋଣ ଯୋଗାଣ; ଭାଗଚାଷୀ ମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ଭିତ୍ତିରେ ମତ୍ସ୍ୟଚାଷ ଓ ପଶୁପାଳନ ଆଦି କାର୍ଯ୍ୟପାଇଁ ଋଣ ଯୋଗାଣ, ମାର୍କଫେଡ୍ ମାଧ୍ୟମରେ ତୈଳବୀଜ ଓ ଡାଲି ଜାତୀୟ ଦ୍ରବ୍ୟର କ୍ରୟ;

କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ମାନଙ୍କୁ ବିଭିନ୍ନ ପ୍ରକାର ରିହାତି ଓ ପ୍ରୋତ୍ସାହନ; ମେଡିକାଲ୍ ପାର୍କ ଓ ଟେକ୍ସଟାଇଲ୍ ପାର୍କ ର ଭିତ୍ତିଭୂମୀ ନିର୍ମାଣ ମାଧ୍ୟମରେ ନିଯୁକ୍ତି ସୁଯୋଗ ସୃଷ୍ଟି; ବୁଣାକାର ଓ ହସ୍ତଶିଳ୍ପୀ ମାନଙ୍କ ଉତ୍ପାଦ କ୍ରୟ ନିମନ୍ତେ ବୟନିକା ଏବଂ ଉତ୍କଳିକାଙ୍କୁ ବିନା ସୁଧରେ ଆଗୁଆ ପୁଞ୍ଜି ଯୋଗାଣ; ବୁଣାକାର ମାନଙ୍କୁ ରିହାତି ଦରରେ ସୁତା ଯୋଗାଣ; ରାଜ୍ୟରେ ଉତ୍ପାଦିତ ତୁଳାର ପରବର୍ତ୍ତୀ ପ୍ରକ୍ରିୟାକରଣ ନିମନ୍ତେ କୋଣାର୍କସ୍ପିନ୍ ରେ ନୂଆ ସୁବିଧା ସୃଷ୍ଟି; ବରିଷ୍ଠ ବୁଣାକାର ସହାୟତା ଯୋଜନାରେ ୧୨୩୭ ବୁଣାକାରଙ୍କୁ ତିନିମାସ ପାଇଁ ଆର୍ଥିକ ସହାୟତା ପ୍ରଦାନ; ବରଗଡ଼ର ବାଲିଟୁରୀ ହାଟରେ ବିକ୍ରିବଟା ବୃଦ୍ଧି ପାଇଁ ନୂଆ ସୁବିଧା ସୃଷ୍ଟି; ରାଜ୍ୟର ବିଭିନ୍ନ ସ୍ଥାନରେ ସଂପୃକ୍ତ ଗ୍ରାମ ସମୁଦାୟ ସହ ଭାଗିଦାରିତାରେ ଇକୋ-ଟୁରିଜିମ୍ ସ୍ଥାନ ଗୁଡ଼ିକର ବିକାଶ; ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବା ନିମନ୍ତେ ନୂଆ ବ୍ୟବସ୍ଥା; ଆଦି କାର୍ଯ୍ୟକ୍ରମ ଓ ପ୍ୟାକେଜ୍ ଅର୍ନ୍ତଭୁକ୍ତ ।

ଶ୍ରୀ ଜେନା ଆହୁରି ମଧ୍ୟ କହିଥିଲେ ଯେ ଇତି ମଧ୍ୟରେ ରାଜ୍ୟର ସମସ୍ତ ଆର୍ଥିକ, ସାମାଜିକ ଓ ସାଂସ୍କୃତିକ ଦିଗରେ କାର୍ଯ୍ୟାରମ୍ଭ ହୋଇସାରିଛି । କୋଭିଡ୍ ଲକ୍‌ଡାଉନ୍ କାଳରେ ରାଜ୍ୟ ୧.୨୫ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ ଆକର୍ଷଣ କରିଛି । ନୂତନ ଶିଳ୍ପ ପ୍ରତିଷ୍ଠା ନିମନ୍ତେ କ୍ଷେତ୍ରସ୍ତରୀୟ ଭିତ୍ତିଭୂମି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ଓଡ଼ିଶା ଏକ କୋଭିଡ୍-ନିରାପଦ ପର୍ଯ୍ୟଟନ ରାଜ୍ୟ ଭାବେ ପର୍ଯ୍ୟଟକମାନଙ୍କ ମଧ୍ୟରେ ଲୋକପ୍ରିୟ ହୋଇଛି । ଅନ୍ୟରାଜ୍ୟରୁ ଓଡ଼ିଶାକୁ ପର୍ଯ୍ୟଟକଙ୍କ ଆଗମନ ମଧ୍ୟ ବଢ଼ିଛି ।

ଲକ୍‌ଡାଉନ୍ ପରବର୍ତ୍ତୀ ସମୟରେ କୃଷି, ପଶୁପାଳନ, ମତ୍ସ୍ୟଚାଷ, ପାନୀୟଜଳ ଯୋଗାଣ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ପର୍ଯ୍ୟଟନ, ଶିଳ୍ପାନ୍ୱୟନ, ପରିବହନ, ସ୍ୱାସ୍ଥ୍ୟସେବା, ହସ୍ତ ତନ୍ତ ଓ ହସ୍ତ ଶିଳ୍ପ, ଗ୍ରାମାଞ୍ଚଳରେ ଅଧିକ କାର୍ଯ୍ୟଦିବସ ସୃଷ୍ଟି, ଜୀବିକା ନିର୍ବାହ ପନ୍ଥାରେ ବୃଦ୍ଧି ଆଦି କ୍ଷେତ୍ରରେ ହୋଇଥିବା ସୁଧାର ସହ ନୂଆ ସମ୍ଭାବନା ବିଷୟରେ କ୍ଷେତ୍ରଭିତ୍ତିକ ତଥ୍ୟର ବୈଜ୍ଞାନିକ ଅନୁଧ୍ୟାନ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ସଂପୃକ୍ତ ବିଭାଗମାନଙ୍କ ସମନ୍ୱୟରେ ନିର୍ଦ୍ଦିଷ୍ଟ ମାନକ ନିର୍ଦ୍ଧାରଣ କରି ଆଗାମୀ କାର୍ଯ୍ୟ-ଖସଡ଼ା ନିମନ୍ତେ ବାସ୍ତବବାଦୀ ପରାମର୍ଶ ଦେବା ପାଇଁ

ଶ୍ରୀ ମହାପାତ୍ର ବୈଠକରେ ଉପସ୍ଥିତ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକଙ୍କୁ କହିଥିଲେ । ଚଳିତ ବର୍ଷ ମାର୍ଚ୍ଚ ୧୫ ତାରିଖ ମଧ୍ୟରେ ଏହି କାର୍ଯ୍ୟ ଶେଷ କରିବା ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

ଉମାକାନ୍ତ ମହାପାତ୍ର,

ସୂଚନା ଅଧିକାରୀ, ମୁଖ୍ୟ ଶାସନ ସଚିବ